# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୧୮ ମସିହା ନଭେମ୍ବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ❖ ଅମଳ କରିଥିବା ଧାନକୁ ସଫା ଅଖାରେ ସୁରକ୍ଷିତ ଜାଗାରେ ଭଲଭାବେ ଘୋଡେଇ ରଖନ୍ତୁ ଯେପରିକି ବର୍ଷାଦ୍ୱାରା କିଛି କ୍ଷତି ନହୁଏ ।
- ❖ ଅମଳ ହୋଇନଥିବା ଧାନ ବିଲରେ ପାହି କରି ଜମିରୁ ପାଣି ବାହାର କରିଦିଅନ୍ତୁ ।
- ❖ ଶତକଡା ୮୦ ଭାଗ ଧାନ ପାଚିଗଲା ପରେ କାଟି ଶୀଘ୍ର ଅମଳ କରିଦିଅନ୍ତୁ । ବଜାରରେ ସୁଲଭ ମୂଲ୍ୟ ପାଇଁ ପ୍ରତ୍ୟେକ କିସମ ଅଲଗା ଅଲଗା ଭାବରେ ସଫା କରି ଧାନ ବସ୍ତାରେ ରଖନ୍ତୁ ।
- ❖ ଜଳସେଚିତ ମଧ୍ୟମ କିସମ ଜମିରେ ଧାନ କାଟିବା ପରେ ଆଳୁ, ସୂର୍ଯ୍ୟମୁଖୀ, ଚିନାବାଦାମ ଓ ଶୀତଦିନିଆ ମକା ଇତ୍ୟାଦି ଫସଲ ଚାଷ କରନ୍ତୁ ।
- ❖ ବର୍ଷାଶ୍ରିତ ସ୍ୱଳ୍ପ ଖାଲୁଆଜମି ଯେଉଁଠାରେ ଜଳସେଚନର ସୁବିଧା ନାହିଁ, ବିଭିନ୍ନ ଫସଲ ଯଥା କୋଳଥ, ମଟର, ବିରି, ପେସି ଇତ୍ୟାଦି ପାଇରା ଫସଲ ହିସାବରେ ମାଟିର ବତର ଦେଖି ଠିଆ ଧାନରେ ବୁଣାବୁଣି କରିଦିଅନ୍ତୁ । ବନ୍ଧଥିବା ଉଚ୍ଚାଜମି, ସ୍ୱଳ୍ପ ଜଳସେଚନର ସୁବିଧାଥିବା ସ୍ଥାନରେ ବିଲାତିବାଇଗଣ, ତୋରିଆ, ସୋରିଷ ଆଦି ଫସଲ ଲଗାଯାଇପାରିବ ।
- ❖ ବିଳମ୍ବରେ ରୁଆଯାଇଥିବା ଧାନରେ ବାଦାମୀ ଗୁଣ୍ଡିପୋକ, ଧଳାପିଠିଆ ପତ୍ରଡିଆଁ, ସବୁଜ ପତ୍ରଡିଆଁ ଏବଂ ଗନ୍ଧି ପୋକ ଇତ୍ୟାଦି ଦେଖାଦେଇପାରେ । ଜମିରେ ପାଚିଲା ଧାନ ଅମଳ ହୋଇଥିବା ଅବସ୍ଥାରେ ଲେଡାପୋକ ଦେଖାଯାଏ । ସେଥିପାଇଁ ତଳେ ଦିଆଯାଇଥିବା ପୋକର ସଂଖ୍ୟା ଏବଂ ପ୍ରାର୍ଦୁଭାବ ଅବସ୍ଥା ସର୍ବେକ୍ଷଣ କରି ସେମାନଙ୍କୁ ଦମନ କରିବା ଦରକାର ।

  ସେହିସବୁ ପୋକମାନଙ୍କର ଆର୍ଥିକ ଦେହଳୀ ସୀମା (**ETL**) ହେଲା :

  - ➢ ବାଦାମୀ ଗୁଣ୍ଡିପୋକ- ପ୍ରତି ବୁଦାରେ ୫ ରୁ ୧୦ଟି ପୋକ
  - ➢ ଧଳାପିଠିଆ ପତ୍ରଡିଆଁ ପୋକ-ବୁଦାପ୍ରତି ୫ ରୁ ୧୦ ଟି ପୋକ
  - ➢ ଗନ୍ଧିପୋକ-ପ୍ରତି ବର୍ଗମିଟରରେ ୨ରୁ ୪ ଟା ପୋକ

(**ବି.ଦ୍ର:** ବାଦାମୀ ଗୁଣ୍ଡିପୋକ ଓ ଧଳାପିଠିଆ ପତ୍ରଡିଆଁ ପୋକ ସର୍ବେକ୍ଷଣ ପାଇଁ ଧାନ ଗଛର ମୂଳରୁ ଗୋଟିଏ ବାଡି ଦ୍ୱାରା ବାଡେଇ ଦେଲେ ପୋକଗୁଡିକ ତଳେଥିବା ପାଣିକୁ ଡେଇଁପଡିବେ । ସେଥିରୁ ଆମେ ସେମାନଙ୍କର ସଂଖ୍ୟା ଜାଣିପାରିବା)

ଆର୍ଥିକ ଦେହଳୀ ସୀମାରୁ ପୋକ ସଂଖ୍ୟା ଅଧିକ ଦେଖାଦେଲେ ନିମ୍ନଲିଖିତ ଯେ କୌଣସି କୀଟନାଶକ ଔଷଧକୁ ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଦରକାର । ମାତ୍ର ଧାନ ପାକଳ ହେବାପରେ ଅମଳ ସମୟ ହୋଇଥିଲେ ଲେଡା ପୋକ ବ୍ୟତିତ ଅନ୍ୟ ପୋକର ଦମନ ପାଇଁ କୌଣସି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

**ବାଦାମୀ ଗୁଣ୍ଡିପୋକ / ଧଳାପିଠିଆ ପତ୍ରଡିଆଁ ପୋକ/ସବୁଜ ପତ୍ରଡିଆଁ ପୋକ :**

(କ) ଇମିଡାକ୍ଲୋପ୍ରିଡ୍ ୩୦.୫ ଏସ୍.ସି ୩୦ ମି.ଲି. ପ୍ରତି ଏକର କିମ୍ବା,

(ଖ) ଇମିଡାକ୍ଲୋପ୍ରିଡ୍ ୭୦ ଡବ୍ଲ୍ୟୁ.ଜି କିମ୍ବା, ଥାୟୋମିଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ ପ୍ରତି ଏକର କିମ୍ବା,

(ଗ) ଡିନୋଟେଫୁରାନ୍ ୨୦ ଏସ୍.ଜି. ୬୦ ଗ୍ରାମ୍ ପ୍ରତି ଏକର କିମ୍ବା,

(ଘ) ଫ୍ଲୁନିକାମାଇଡ୍ ୫୦ ଡବ୍ଲ୍ୟୁ.ଜି. ୬୦ ଗ୍ରାମ୍ ପ୍ରତି ଏକର କିମ୍ବା,

(ଙ) ପାଇମେଟ୍ରୋଜିନ୍ ୫୦ ଡବ୍ଲ୍ୟୁ.ଜି. ୧୨୦ ଗ୍ରାମ୍ ପ୍ରତି ଏକର

- ସଠିକ୍ ପରିମାଣର କୀଟନାଶକ ଔଷଧ ବ୍ୟବହାର କରି ଗଛର ତଳଭାଗରେ ସିଆରରେ ଯାଇ ପ୍ରୟୋଗ କରନ୍ତୁ।
- ବିଲରେ କଦାପି ଧାନ ଫସଲକୁ ପୋକ ଲାଗିଥିବା ଅବସ୍ଥାରେ ପୋଡନ୍ତୁ ନାହିଁ କାରଣ ଏହା କରିବା ଫଳରେ ବାଦାମୀଗୁଣ୍ଡି ପୋକ ଉଇଥିବା ପାଖାପାଖି ଫସଲ ବା ଧାନ କିଆରୀକୁ ବ୍ୟାପିଯାଇଥାଏ।

**ଗନ୍ଧିପୋକ:**

(କ) ଇଥୋଫେନୋପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି. ପ୍ରତି ଏକର-ପତ୍ରସିଞ୍ଚନ କିମ୍ବା

(ଖ) ମାଲାଥିଅନ୍ ୫ ଡି. ଗୁଣ୍ଡ ୧୦ କି.ଗ୍ରା. ପ୍ରତି ଏକର ସକାଳେ ପବନ ନ ହେଉଥିବା ସମୟରେ ପ୍ରୟୋଗ କରନ୍ତୁ।

**ଲେଡାପୋକ**(Ear cutting caterpillar):

(କ) କୁଇନାଲଫସ୍ ୨୫ ଇ.ସି. ୪୦୦ ମି.ଲି. ପ୍ରତି ଏକର କିମ୍ବା

(ଖ) କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ପ୍ରତି ଏକର କୁ ସକାଳ ସମୟରେ ଗଛର ତଳଭାଗରେ ପ୍ରୟୋଗ କରିବା ଆବଶ୍ୟକ।

ଦ୍ରବଣ ପ୍ରସ୍ତୁତ ପାଇଁ ଏକ ଏକର ନିମନ୍ତେ ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ।

ଏହି ସମୟରେ ମୂଷା ଦ୍ୱାରା ମଧ କ୍ଷତି ଘଟିପାରେ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ମୂଷା ଗାତକୁ ଚିହ୍ନଟ କରି ତା ଚାରିପାଖରେ ଆଲୁମିନିୟମ୍ ଫସ୍ଫାଇଡ୍ ୬% ବଟିକା (ଗୋଟେ ବଟିକା ୧୨ ଗ୍ରାମ୍) ଗାତ ପିଛା ରଖି ତା ଉପରେ କାଦୁଅରେ ଘୋଡେଇ ଦିଅନ୍ତୁ। ଫଳରେ ମୂଷା ମରିଯିବେ।

ଅସମୟରେ ବର୍ଷା ଯୋଗୁଁ କେତେକ ରୋଗ ମଧ ଦେଖାଯିବାର ସମ୍ଭାବନା ଥାଏ ସେଗୁଡିକ ହେଲା ସାଆଁରା ରୋଗ, ପତ୍ରାଚ୍ଛାଦ ସଢ଼ା ରୋଗ, କେଣ୍ଡା ମହିଷା ରୋଗ। ସେଥିପାଇଁ ନିମ୍ନଲିଖିତ ଔଷଧ ପ୍ରୟୋଗ କରନ୍ତୁ।

❖ **ସାଆଁରା ରୋଗ(False Smut)** : ସାଆଁରା ରୋଗ ଦମନ ପାଇଁ କପର ହାଇଡ୍ରୋକ୍ସାଇଡ୍ ୭୭ ଡବ୍ଲ୍ୟୁ.ପି ୮୦୦ ଗ୍ରାମ୍ ଏକର ପିଛା କିମ୍ବା କପର ହାଇଡ୍ରୋକ୍ସାଇଡ୍ ୫୩.୮ ଡି.ଏଫ୍ ୬୦୦ ଗ୍ରାମ ଏକର ପିଛା ପାଣିରେ ମିଶାଇ ଫୁଲ ଧରିବା ପୂର୍ବରୁ ସ୍ପ୍ରେ କରନ୍ତୁ କିମ୍ବା କ୍ଲୋରୋଥାଲୋନିଲ୍ ୭୫ ଡବ୍ଲ୍ୟୁ.ପି ୪୦୦ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୨୫ ଇ.ସି ପାଣିରେ ମିଶାଇ ଫୁଲ ବାହାରିବା ପରେ ସ୍ପ୍ରେ କରନ୍ତୁ।

❖ **ଗଣ୍ଠି / କେଣ୍ଡା ମହିଷା ରୋଗ (Neck/Panicle Blast)** : କାରବେଣ୍ଡାଜିମ୍ କିମ୍ବା ଟ୍ରାଇସାଇକ୍ଲାଜୋଲ୍ ୭୫ ଡବ୍ଲ୍ୟୁ.ପି ୨୦୦ ଗ୍ରାମ୍ ପ୍ରତି ଏକର କିମ୍ବା ଟେବୁକୋନାଜୋଲ୍ ୫୦+ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫ ଡବ୍ଲ୍ୟୁ.ଜି ୮୦ ଗ୍ରାମ୍ ପ୍ରତି ଏକର ହିସାବରେ ସିଞ୍ଚନ କରନ୍ତୁ।

**ବି.ଦ୍ର.**-ଉପରୋକ୍ତ ବିଷୟରେ କୌଣସି ଅସୁବିଧା ହେଲେ ନିକଟବର୍ତ୍ତୀ କୃଷି ବିଶେଷଜ୍ଞଙ୍କୁ ପଚାରି ବୁଝନ୍ତୁ।

******